ପ୍ରେସ୍ ନୋଟ୍

# ସଦଭାବନା ଦିବସ ଉପଲକ୍ଷେ ଶପଥ ପାଠ ।

ଅନୁଗୋଳ,ତା. ୧୮.୦୮:- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜିବ ଗାନ୍ଧୀଙ୍କର ଜନ୍ମ ବାର୍ଷିକକୁ ସଦଭାବନା ଦିବସ ତଥା ଏକତାର ଦିବସ ଭାବେ ପାଳନ କରାଯାଉଛି । ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୦ ତାରିଖକୁ ଶାନ୍ତି,ଜାତୀୟ ସଂହତି ଓ ସାମ୍ପ୍ରଦାୟିକ ସଦଭାବନା ପ୍ରତ୍ୟେକ ଧର୍ମୀୟ ଦେଶରେ ପାଳନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସର୍ଗ କରାଯାଉଛି । ଚଳିତ ବର୍ଷ ଅଗଷ୍ଟ ୨୦ ତାରିଖ ସରକାରୀ ଛୁଟି ଦିନ ହୋଇଥିବାରୁ ସରକାରୀ ନିର୍ଦ୍ଦେଶନାମା (ଗୃହ ବିଭାଗଙ୍କ ପତ୍ର ସଂଖ୍ୟା-୩୩୫୦୭, ତା୧୬.୮.୨୦୨୩) ଅନୁଯାୟୀ ଆଜି ଦିନରେ ଏହି ସଦଭାବନା ଦିବସକୁ ପାଳନ କରାଯାଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ବାରଣ୍ଡାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀମାନଂକୁ ନେଇ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାତି,ଧର୍ମ,ସମ୍ପ୍ରଦାୟ,ଭାଷା ଓ ଅଂଚଳ ନିର୍ବିଶେଷରେ ସମସ୍ତେ ଭାରତୀୟ । ହିଂସାର ପଥ ଅନୁସରଣ ନ କରି ସମସ୍ତ ପ୍ରକାର ଭେଦଭାବକୁ ଭୁଲି ସାମ୍ବିଧାନିକ ମାଧ୍ୟମରେ ବୁଝାମଣା କରିବାକୁ ନେଇ ଶପଥ ପାଠ କରାଯାଇଥିଲା । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ଇଶାନୀ ପଣ୍ଡା, ଡେପୁଟୀ କଲେକ୍ଟର ମଧୁସ୍ମିତା ବିଶିଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇ ଶପଥ ପାଠ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା - ୫୦୧ ତା.୧୮.୦୮.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G


WAITING LOUNGE
OPPO Reno7 5G
DIPRO ANGL | 2023.08.18 11:47


OPPO Reno7 5G
DIPRO ANGL | 2023.08.18 11:48